# Akashvani, Sambalpur

# SAMBALPURI NEWS MORNING BULLETIN

## 20 May 2026 - 6.47- 6.52 am.

---

ମୁଖ୍ୟମନ୍ତ୍ରୀ-ଧାନ୍ ଘିନା ବୈଠକ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ସମ୍ବଲ୍‌ପୁର୍ ଆଉ ବର୍‌ଗଡ୍ ଜିଲ୍ଲାର୍ ବିଧାୟକ୍‌ମାନ୍‌କର୍ ସାଙ୍ଗେ ଡାଲୁଆ ଧାନ୍ ଘିନା ବାବ୍‌ଦେ ଆଲୋଚନା କରିଛନ୍ । ବୈଠକ୍‌ଥି ମଣ୍ଡି ଭିତିଭୂମି, ଟୋକନ୍ ବଂଟନ୍ ଆଉ ମିଲର୍ ମାନ୍‌କର୍ ଧାନ୍ ଉଠାବାର୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟର୍ ସବୁ ଅଂଚଲ୍‌ର ଚାଷୀମାନ୍‌କର୍ ନୁ ଧାନ୍ ଘିନ୍‌ବାର୍ ଲାଗି ସର୍‌କାର୍ ପ୍ରକ୍ରିୟା ଜାରି ରଖିଛନ୍ । ଚାଷୀମାନ୍‌କର୍ ଯେନ୍ତା କେନ୍‌ସି ପ୍ରକାର୍ ଅସୁବିଧା ନାଇଁ ହେବା ଆଉ ମିଲର୍‌ମାନେ ଠିକ୍ ସମିଆଥି ଧାନ୍ ଉଠାବେ ସେଥିର୍‌ଲାଗି କଡ଼ା ନଜର୍ ରଖାଯାଇଛେ । ବୈଠକ୍‌ଥି ଖାଦ୍ୟ ଯୋଗାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ବଲ୍‌ପୁର୍,

ବର୍‌ଗଡ୍‌, ଅତାବିରା ଆଉ ବିଜେପୁର୍ ବିଧାୟକ୍ ମୁଖ୍ୟ ଶାସନ୍ ସଚିବ ଆଉ ଅଲ୍‌ଗା ବିଭାଗୀୟ ସଚିବ ମାନେ ଉପସ୍ଥିତ୍ ଥିଲେ ।

ସିଏଚ୍‌ଏସ୍‌ଇ ରିଜଲ୍ଟ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଉଚ୍ଚ ମାଧ୍ୟମିକ୍ ଶିକ୍ଷା ପରିଷଦ୍ ସିଏଚ୍‌ଏସ୍‌ଇ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାଫଲ୍ ଆଏଜ୍ ବାହାର୍‌ବା । ମଏଧାନର୍ ସାଢ଼େ ୧୨ ବଜେ ପରିଷଦ୍ କାର୍ଯ୍ୟାଳୟ ନ ବିଦ୍ୟାଳୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପରୀକ୍ଷାଫଲ ପୁସ୍ତିକା ଉନ୍ମୋଚନ୍ କର୍‌ବେ । ଉପର୍‌ବେଲା ୩ ବଜେ results.orissa.gov.in ଆଉ results.digilocker.gov.in ଥି ଲଗ୍‌ଇନ୍ କରିକରି ଛାତ୍ରଛାତ୍ରୀମାନେ ପରୀକ୍ଷାଫଲ୍ ଜାନିପାର୍‌ବେ । ଇ ବଛର୍ ପାଖାପାଖି ୪ ଲାଖ୍ ଛାତ୍ରଛାତ୍ରୀ ଯୁକ୍ତ ଦୁଇ କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ଧନ୍ଦାମୂଳକ୍ ବିଷେଥି ପରୀକ୍ଷା ଦେଇଛନ୍ ।

ସହରୀ ଯାତାୟାତ୍ ସମୀକ୍ଷା          ଆଇ ଆଣ୍ଡ୍ ପି.ଆର୍

ରାଏଜେ ସହରୀ ଯା'ଆସ୍ ବ୍ୟବସ୍ଥା, ଇ ମୋବିଲିଟି ଆଉ ସଡ଼କ୍ ସୁରକ୍ଷା ପଦକ୍ଷେପ୍ର ସମୀକ୍ଷା ଲାଗି ଗଲାକାଏଲ୍ କ୍ଲୁଟ୍ର ଉଚ୍ଚସ୍ତରୀୟ ବୈଠକ୍ ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍ର ସୂଚ୍ନା ଅନ୍ସାରେ ୨ ନମ୍ବର୍ ଖେପେ ବଲାଙ୍ଗିର୍, ଯାଜ୍ପୁର୍, ରାୟଗଡ଼ା, କୋରାପୁଟ୍, ଭଦ୍ରକ୍ ନ ଇ ସେବାର ବିସ୍ତାର୍ କରାଯିବା । ପିଏମ୍ଇ ବସ୍ ସେବା ଯୋଜ୍ନା ଅଧୀନ୍ଥି ଡିପୋ ଆଉ ବୈଦ୍ୟୁତିକ୍ ଭିତିଭୂମି କାମ୍ ଜଲ୍ଦି ଶେଷ୍ କର୍ବାର୍କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ବସ୍ ମାନ୍କେ ଭିନ୍ ଭିନ୍ ସୁରକ୍ଷା ବ୍ୟବସ୍ଥା ଲଗାଯିବାର୍କେ ଭିଲ୍ ମନ୍ତ୍ରୀ ଶ୍ରୀ ମହାପାତ୍ର ନିର୍ଦ୍ଦେଶ୍ ଦେଇଛନ୍ ।

ବିଜ୍ଞପ୍ତିତ ନାଗରିକ୍ ସେବା      ଆଇ ଆଣ୍ଡ୍ ପି.ଆର୍

ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ଅଧୀନ୍ଥି ୩୦ ଟା ଧାରିଜ୍ ନାଗରିକ୍ ସେବାଥି ୯୪ ପ୍ରତିଶତ୍ ଆବେଦନ୍ ଧାରିଜ୍ ସମିଆ ଭିତ୍ରେ ସମାଧାନ୍ ହେଇଛେ । ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ସମୀକ୍ଷା ବୈଠକ୍ଥି

ଇ ତଥ୍ୟ ପ୍ରକାଶ୍ ପାଇଛେ । ଏପ୍ରିଲ୍ ୧- ୨୦୨୪ ନୁ ଏପ୍ରିଲ୍ ୨୭ - ୨୦୨୬ ଭିତ୍‌ରେ ଡିଜିଟାଲ୍ ପ୍ଲାଟ୍‌ଫର୍ମ ଜରିଏ ୬ ଲାଖ୍ ୫୯ ହଜାର୍‌ନୁ ଅଏତ୍‌କା ଆବେଦନ୍ ମିଲିଥିଲା । ସେଥିର୍‌ଭିତ୍‌ରୁ ୬ ଲାଖ ୭ ହଜାର୍ ଆବେଦନ୍ ସମିଆ ଭିତ୍‌ରେ ସମାଧାନ୍ ହେଇଛେ । ସେବା ଦେବାର୍‌ଥି ଡେରି ହେଲେ ଜିରୋ ଟଲ୍‌ରେନ୍ସ ନୀତି ଅପ୍‌ନାବାର୍‌କେ ମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ ଆଇ ଆଣ୍ଡ୍ ପି.ଆର୍

ଓଡ଼ିଶା ନ ସମନ୍ୱିତ୍ ଜରୁରୀକାଳୀନ ଆଉ ଟ୍ରମା କେୟାର୍ ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଏମ୍ସ ଦିଲ୍ଲୀ ର ସହଯୋଗ୍ ମାଗିଛନ୍ । ଜାତୀୟ ସ୍ୱାସ୍ଥ୍ୟ ପ୍ରାଥମିକତା ପ୍ରକଳ୍ପ ଏନ୍‌ଏଚ୍‌ଆର୍‌ପି ଅଧୀନ୍‌ଥି ଓଡ଼ିଶାର୍ ଗୁଟେ ଜିଲ୍ଲାକେ ସାମିଲ୍ କର୍‌ବାର୍‌କେ ସେ ଅନୁରୋଧ୍ କରିଛନ୍ । ସଡ଼କ୍ ଦୁର୍ଘଟଣା, ହୃଦ୍‌ଘାତ ଆଉ ସାଁପ୍‌ଚବା ବାଗିର୍ ଜରୁରୀ ସ୍ୱାସ୍ଥ୍ୟ ସମସ୍ୟା ଲାଗି ଇ ମୋଡ଼େଲ୍ ଜରୁରୀ ଆଏ ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ କହିଛନ୍ ।

ଶୀତଲ୍‌ଷଷ୍ଠୀ-ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଶୀତଲ୍‌ଷଷ୍ଠୀ ଯୁଗ୍ମ ସମନ୍ୱୟ ସମିତି ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଭେଟିକରି ନିମନ୍ତ୍ରଣ୍ ପତ୍ର ଦେଇଛନ୍ । ଶୀତଲ୍‌ଷଷ୍ଠୀ ଯାତ୍ରାଥି ଯୋଗଦେଇକରି ଦେବଦମ୍ପତିଙ୍କର୍ ଆଶିର୍ବାଦ୍ ନେବାର୍‌କେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ୍ କରାଯାଇଛେ । ଇ ବଛର୍ ଯାତ୍ରାକେ ଅଏତ୍‌କା ଆକର୍ଷଣୀୟ ଆଉ ଶୃଙ୍ଖଳିତ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସମିତି ତର୍‌ଫୁ କୁହାଯାଇଛେ ।

ମେଡ଼ିକାଲ୍ କଲେଜ-ସମୀକ୍ଷା ବୈଠକ୍ ଆଇ ଆଣ୍ଡ୍ ପି.ଆର୍

ତାଲ୍‌ଚେର୍ ନ ଥିବା ପବିତ୍ର ମୋହନ୍ ପ୍ରଧାନ୍ ମେଡ଼ିକାଲ୍ କଲେଜ ଆଉ ହସ୍ପିଟାଲ୍‌କେ ଖୋବ୍ ଜଲ୍‌ଦି କାର୍ଯ୍ୟକ୍ଷମ୍ କର୍‌ବାର୍ ଲାଗି ଗଲାକାଏଲ୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍ କମିଶନର୍ ଆଉ ଶାସନ୍ ସଚିବ ଅଶ୍ୱତୀ ଏସ୍. ଙ୍କର୍

ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି କଲେଜ୍‌ର ଭିତିଭୂମି, ଏକାଡେମିକ୍ ପ୍ରସ୍ତୁତି, ଚିକିତ୍ସା ଉପକରଣ୍, କର୍ମଚାରୀ ନିଯୁକ୍ତି, ହଷ୍ଟେଲ୍, ଖେଲ୍‌ପଡ଼ିଆ ବାଗିର୍ ଭିନ୍ ଭିନ୍ ପ୍ରସଙ୍ଗ ଉପ୍‌ରେ ଆଲୋଚନା କରାଯାଇଥିଲା । ଇ ମେଡ଼ିକାଲ୍ କଲେଜ୍, ତାଲ୍‌ଚେର୍ ଆଉ ଆଖର୍‌ପାଖର୍ ଇଲାକା ନ ସ୍ୱାସ୍ଥ୍ୟସେବାକେ ଆହୁରି ବର୍‌କସ୍ କର୍‌ବା ବଲି ଆଶ୍ କରାଯାଉଛେ ।

ତେଲ୍ ସଙ୍କଟ୍ ବୈଠକ୍-ସମ୍ବଲପୁର ଆର୍‌ଏନ୍‌ୟୁ/ ସମ୍ବଲପୁର

ମଧ୍ୟପ୍ରାଚ୍ୟ ନ ଦେଖାଦେଇଥିବା ତେଲ୍ ସଙ୍କଟ୍‌ର ମୁକାବିଲା ଲାଗି ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ ଡିଜେଲ୍ ଆଉ ପେଟ୍ରୋଲ୍‌ର ଥିତି ବାବ୍‌ଦେ ସମୀକ୍ଷା କରାଯାଇଥିଲା । ପମ୍ପ୍ ମାଲିକ୍‌ମାନେ ତେଲ୍ ସଙ୍କଟ୍ ନାଇଁଥିବା ଆଉ ଭର୍‌ପୁର୍ ମାତ୍ରାଥି ମହଜୁଦ୍ ଥିବାର୍ ବାବ୍‌ଦେ ଗ୍ରାହକ୍‌ମାନ୍‌କୁ ବୁଝାବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । କଳାବଜାରୀ ଆଉ ଅବୈଧ

କାର୍‌ବାର୍ ନଜର୍‌କେ ଆଏଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଭିଲ୍ ଚେତାବନୀ ଦିଆଯାଇଛେ ।

କଲାହାଣ୍ଡି ଜିଲ୍ଲାପାଲ୍-ଏସ୍ଆଇଆର୍     କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ପାଓ୍ବାର୍ ସଚିନ୍ ପ୍ରକାଶ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ସ୍ୱୀକୃତିପ୍ରାପ୍ତ ରାଜନୈତିକ୍ ଦଲ୍ ମାନ୍‌କର୍ ସଙ୍ଗେ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ସ୍ୱତନ୍ତ୍ର ସଘନ ସଂଶୋଧନ୍ ଏସ୍ଆଇଆର୍-୨୦୨୬ ବାବ୍‌ଦେ ଆଲୋଚନା କରାଯାଇଛେ ।

ଏସ୍ଆଇଆର     ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ୍-ଏସ୍ଆଇଆର୍ -୨୦୨୬ କେ ନେଇକରି ନୂଆପଡ଼ା ଜିଲ୍ଲାପାଲ୍‌ଙ୍କର୍ ଅଧ୍ୟକ୍ଷତାଥି ରାଜନୈତିକ୍ ଦଲ୍‌ମାନ୍‌କର୍ ସାଙ୍ଗେ ବୈଠକ୍

ହେଇଯାଇଛେ । ଫି’ ବୁଥ୍ ଲାଗି ବିଏଲ୍ଏ ନିଯୁକ୍ତ କରିକରି ୩ ଦିନ୍ ଭିତ୍ରେ ତାଲିକା ଦେବାର୍କେ ଦଲ୍ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ପାଣିପାଗ       ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଗରମ୍ ଆଉ ଗୁଲ୍ଗୁଲି ପାଗ୍ ଲାଗି ରହିଛେ । ପଶ୍ଚିମ ଓଡ଼ିଶାର୍ ବହୁତ୍ଟେ ଜାଗାର୍ ତାପମାତ୍ରା ୪୦ ଡିଗ୍ରୀ ଉପ୍ରେ ରହୁଥିବାର୍ ସୂଚ୍ନା ମିଳିଛେ । ଗଲାକାଏଲ୍ ଝାର୍ସୁଗୁଡ଼ା ନ ସବୁନୁ ଜହ ତାତି ୪୪ ଦଶ୍ମିକ୍ ୮ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା ୫ ଦିନ୍ତକ୍ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍ବାର୍ ସମ୍ଭାବନା ଅଛେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।